# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23rd May - 2025

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆସନ୍ତାକାଲି ହେବାକୁ ଥିବା ନୀତି ଆୟୋଗର ବାର୍ଷିକ ବୈଠକରେ ଯୋଗଦେବା ପାଇଁ ଆଜି ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ
- କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ୍ କୋଟିଆ ପଂଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ଆସନ୍ତା ମାସ ୩ ତାରିଖରେ ହେବ ପ୍ରଥମ ବୈଠକ
- ଚଳିତବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ୨୬ ତାରିଖରେ ସରକାରୀ ଛୁଟି ଘୋଷଣା କଲେ ରାଜ୍ୟ ସରକାର

ଏବଂ

- କଇଁଛ ମାନଙ୍କର ସୁରକ୍ଷା ଦିଗରେ ଲୋକମାନଙ୍କୁ ସଚେତନ କରାଇବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ କଇଁଛ ଦିବସ

## ମୁଖ୍ୟମନ୍ତ୍ରୀ-ଦିଲ୍ଲୀ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ନୀତି ଆୟୋଗର ଦଶମ ବାର୍ଷିକ ପ୍ରବନ୍ଧକ ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ। ବୈଠକରେ ବିକଶିତ ରାଜ୍ୟ ପାଇଁ ବିକଶିତ ଭାରତ ଉପରେ ଆଲୋଚନା ହେବା ସହିତ ଏକ କାର୍ଯ୍ୟଖସଡା ଉପରେ ଆଲୋଚନା କରାଯିବ। ବର୍ଷକୁ ଥରେ ହେଉଥିବା ଏହି ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକରେ ଯୋଗଦେବାପାଇଁ ଆଜି ଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ନୀତିଆୟୋଗର ପ୍ରଥମ ବାର୍ଷିକ ପ୍ରବନ୍ଧକ ପରିଷଦର ବୈଠକ ଫେବୃୟାରୀ ମାସ ୨୦୧୫ ମସିହାରେ ହୋଇଥିଲା।

## ଧର୍ମେନ୍ଦ୍ର ପ୍ରଧାନ

କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ୍ କୋଟିଆ ପଂଚାୟତର ସର୍ବାଙ୍ଗିନ ଉନ୍ନତି ପାଇଁ ଆସନ୍ତାମାସ ୩ ତାରିଖରେ ୧୬ ଜଣିଆ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। କୋଟିଆ ପାଇଁ ଦୀର୍ଘ ଏବଂ ସ୍ୱଳ୍ପ ମିଆଦୀ ଯୋଜନା କରାଯିବ। ଏ ନେଇ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ ହେବେ ବୋଲି ମନ୍ତ୍ରୀ କହିଛନ୍ତି....

**-V/O-***(Suresh Pujari)*

କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ପ୍ରଧାନ

କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଂଚଳର ଜନସାଧାରଣ ଉପକୃତ ହେବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ ପାଇପାରିବେ । ରାଜ୍ୟର ଭୌଗୋଳିକ ସୀମା ସୁରକ୍ଷିତ ରହିବା ସହ ଭାଷା, ସାହିତ୍ୟ, ସଂସ୍କୃତି ପ୍ରଚାର ପ୍ରସାର ହୋଇପାରିବ । କୋଟିଆବାସୀଙ୍କୁ ରାଜ୍ୟବାସୀଙ୍କ ଯୋଡିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ସାବିତ୍ରୀ ଛୁଟି

ଚଳିତବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ଆସନ୍ତା ୨୭ ତାରିଖ ପରିବର୍ତ୍ତେ ୨୬ ତାରିଖରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହମତି ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ପୁରୀ ମୁକ୍ତିମଣ୍ଡପ ଏବଂ ବିଭିନ୍ନ ଧାର୍ମିକ ପଞ୍ଜିକା ଗଣନାକାରୀ ଅନୁଷ୍ଠାନ ସହ ବିଚାରବିମର୍ଶ ପରେ ୨୭ ତାରିଖ ପରିବର୍ତ୍ତେ ୨୬ ତାରିଖରେ ସାବିତ୍ରୀ ଅମାବାସ୍ୟା ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି ।

## ରଥଯାତ୍ରା ସହାୟତା

ଚଳିତ ଥର ରାଜ୍ୟର ବିଭିନ୍ନ ସ୍ଥାନରେ ରଥନିର୍ମାଣ ଓ ରଥଯାତ୍ରା ପାଇଁ ସରକାରୀ ସ୍ତରରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଦେବୋତ୍ତର ଆୟୋଗ ଅଧୀନରେ ଥିବା ଜଗନ୍ନାଥ ମନ୍ଦିରକୁ ଏହି ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସ୍ପଷ୍ଟ କରିଛନ୍ତି ।

ଅନ୍ୟ ଏକ ପ୍ରସଙ୍ଗରେ ଶ୍ରୀ ହରିଚନ୍ଦନ କହିଛନ୍ତି, ଆଗାମୀ ଦିନରେ ପୁରୀ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜୀର ବ୍ୟବହାର ପାଇଁ ସରକାର ଚିନ୍ତା କରୁଛନ୍ତି। ମନ୍ଦିରର ସୁରକ୍ଷାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡାଣକୁ ବନ୍ଦ କରାଯାଇଛି। ହେଲେ ଅନେକ ସମୟରେ ସୁରକ୍ଷା ବଳୟକୁ ଭେଦ କରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବାର ଦୃଶ୍ୟ ସାମ୍ନାକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଛନ୍ତି।

**-V/O-***(Pruthwiraj Harichandan)*

**ପ୍ରକଳ୍ପ ଉଦ୍‌ଘାଟନ-ମନ୍ତ୍ରୀ**

ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି ଦିନିକିଆ **ସୁବର୍ଣ୍ଣପୁର** ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଶ୍ରୀ ନାୟକ ବୀରମହାରାଜପୁର ବ୍ଲକ୍‌ର ଚମ୍ପାମାଲ ଗାଁରେ ଏକ ଅଙ୍ଗନଓ୍ୱାଡି ଗୃହର ଉଦ୍‌ଘାଟନ ସହ ପ୍ରାୟ ୧୦୦ କୋଟି ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହା ସହ ମନ୍ତ୍ରୀ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜିଲ୍ଲାର ସାମୁହିକ ଉନ୍ନତି ଓ ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଜଗଦ୍ଦଳା, ଜିଲ୍ଲାପାଳ ଅନନ୍ୟା ଦାସ, ବିଜେପି ଜିଲ୍ଲା ସଭାପତି ବେଣୁଧର ଦାସଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ୨୬ ତାରିଖ ସୋମବାର ଦିନ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି।

## ତ୍ରିରଙ୍ଗା ଶୋଭାଯାତ୍ରା

'ଅପରେସନ ସିନ୍ଦୂର'ର ସଫଳତାକୁ ନେଇ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ୍ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସର୍ଗିଗୁଡ଼ାଠାରୁ ବାହାରି ବ୍ଲକ୍ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ବିଧାୟକ ଗୌରୀଶଙ୍କର ମାଝୀ ଓ ବିଡ଼ିଓ ଆଶୀଷ ତ୍ରିପାଠୀ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ରବି ଧାନ କ୍ରୟ

**ବଲାଙ୍ଗିର** ଜିଲ୍ଲାର ଭାଲେର ପ୍ରାଥମିକ କୃଷି ସମବାୟ ସମିତିଠାରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ରବିଧାନ କ୍ରୟ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାର ୧୦୮ଟି ପେକ୍ସ ମାଧ୍ୟମରେ ୨ ଲକ୍ଷ ୫୭ ହଜାର ୮୦୦ କୁଇଣ୍ଟାଲ ଧାନ ୧୧ ହଜାର ୬୪୭ ଜଣ ଚାଷୀଙ୍କଠାରୁ କ୍ରୟ କରାଯିବ ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ଦକ୍ଷତା ବିକାଶ

**ଭଦ୍ରକ** ଜିଲ୍ଲା ଅସୁରାଳିଠାରେ ଥିବା ଦକ୍ଷତାବିକାଶ କେନ୍ଦ୍ରକୁ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ପରିଦର୍ଶନ କରି ପ୍ରଶିକ୍ଷଣ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ପ୍ରଶିକ୍ଷଣ ପ୍ରଦାନ କରି ଆତ୍ମନିର୍ଭରଶୀଳ କରିବା ପାଇଁ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏହା ସହ ଆଗାମୀ ଦିନରେ  ଦକ୍ଷତା ବିକାଶ କେନ୍ଦ୍ରରେ ଏକ ନିଯୁକ୍ତି ମେଳା, ଗମନାଗମନ ପାଇଁ ବିଦ୍ୟାର୍ଥୀଙ୍କୁ ବସ୍ ସେବା, ଆଦି ଯୋଗାଇଦେବା ଉପରେ ମନ୍ତ୍ରୀ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଥିଲେ।

## ଖାଉଟି କାର୍ଡ ବଣ୍ଟନ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଦିନିକିଆ **ରାୟଗଡ଼ା** ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ରାୟଗଡ଼ା ଉପକଣ୍ଠ ବୀରନାରାୟଣପୁରଠାରେ ମନ୍ତ୍ରୀ ସ୍ଥାନୀୟ ଆଦିବାସୀମାନଙ୍କ ସହ ବିଭିନ୍ନ ସରକାରୀ ଯୋଜନାର ସୁଫଳ ବିଷୟରେ ଆଲୋଚନା କରିଛନ୍ତି। ଏଥିସହିତ ସ୍ଥାନୀୟ ଜିଲ୍ଲାପରିଷଦ ବୈଠକ ଗୃହରେ ସାଧାରଣ ବଣ୍ଟନ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଛନ୍ତି। ଆଗାମୀ ଦିନରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ଯୋଜନାରେ ସାମିଲ କରାଯିବ ବୋଲି ମନ୍ତ୍ରୀ କହିବା ସହ ସାଧାରଣ ବଣ୍ଟନରେ ସାମିଲ ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ  କାର୍ଡ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଇଁଛ ଦିବସ

କଇଁଛମାନଙ୍କର ସୁରକ୍ଷା ଦିଗରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି ପାଇଁ ୨୦୦୦ ମସିହାରୁ ଆଜିର ଦିନକୁ ବିଶ୍ୱ କଇଁଛ ଦିବସ ଭାବେ ପାଳନ କରାଯାଉଛି । ଏକ ଗଣନାରୁ ଜଣାପଡ଼ିଛି ପୃଥିବୀରେ ପ୍ରାୟ ୩୦୦ ପ୍ରଜାତିର କଇଁଛ  ମଧ୍ୟରୁ ବର୍ତ୍ତମାନ ପ୍ରାୟ ୧୨୯ଟି ପ୍ରଜାତି କଇଁଛ ବିଲୁପ୍ତ ହୋଇସାରିଲେଣି । କଇଁଛମାନେ ପ୍ରାୟ ୧୫୦ ବର୍ଷରୁ ୩୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ବୋଲି ପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି । ରାଜ୍ୟର କେନ୍ଦ୍ରାପଡା ଜିଲ୍ଲାରେ ଅଲିଭ ରିଡ୍‌ଲେ ପ୍ରଜାତିର ବିରଳ କଇଁଛ ଦେଖିବାକୁ ମିଳିଥାନ୍ତି । ଗହୀରମଥା, ଦେବୀ ଓ ଋଷିକୂଲ୍ୟା ମୁହାଁଣକୁ ଅଲିଭରିଡ୍‌ଲେଙ୍କ ପ୍ରଜନନ ସ୍ଥଳୀଭାବେ ବିବେଚନା କରାଯାଇଛି । ଏଥିପାଇଁ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଓ ସଂରକ୍ଷଣ ଯୋଗାଇ ଦିଆଯାଉଛି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ବିଶ୍ୱ କଇଁଛ ଦିବସରେ  ସାମୁଦ୍ରିକ ସଂରକ୍ଷଣ ପ୍ରତି ପ୍ରତିବଦ୍ଧତା ଦୋଇରାଇଛନ୍ତି। ରାଜ୍ୟର ସାମୁଦ୍ରିକ ଜୈବବିବିଧତା ସଂରକ୍ଷଣରେ କଇଁଛମାନଙ୍କର ଗୁରୁତ୍ୱ ରହିଛି। ଓଡ଼ିଶା ପ୍ରତିବର୍ଷ ହଜାର ହଜାର ବିଲୁପ୍ତପ୍ରାୟ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳି ସୃଷ୍ଟି କରିପାରିଛି। ଆଜିର ଦିନରେ ଏହି ସାମୁଦ୍ରିକ ଜୀବର ସଂରକ୍ଷଣ ଏବଂ ପ୍ରକୃତି ତଥା ମାନବତା ମଧରେ ସନ୍ତୁଳନ ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ପଶ୍ଚିମ କେନ୍ଦ୍ରୀୟ ଏବଂ ତା'ର ପାଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୨୭ ତାରିଖ ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୧୩ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

**-V/O-***(Sarat Sahoo)*

*********************************